# ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ ସୁବର୍ଣ୍ଣପୁର

ନୋଟିସ୍ ନଂ....2770....../ ତା. .....03-09-22......./

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୱାର୍ଡ ନଂ.୧୪ ମହିଳା ମହାବିଦ୍ୟାଳୟ ହଷ୍ଟେଲ ପଛ ପାଖ (ଜି.ଏମ୍ ଛକରୁ ଖମ୍ବେଶ୍ୱରୀ ମନ୍ଦିର ରାସ୍ତା ପାର୍ଶ୍ୱ) ରେ ଥିବା ଭେଣ୍ଡିଂ ଜୋନ ଦୋକାନ ଗୃହ ଗୁଡିକ ଲଟେରୀ ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତି ମାନେ ସୋନପୁର ପୌର ପରିଷଦ କାର୍ଯ୍ୟାଳୟରୁ ଟ.୨୦୦/- ମୂଲ୍ୟ ଦେଇ ଆବଶ୍ୟକ ଫର୍ମ କ୍ରୟ କରି ପାରିବେ । ଏହା ସହିତ, ଧାର୍ଯ୍ୟ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ Executive Officer, Sonepur Municipality ଙ୍କ ନାମରେ ଜମା ଦେବେ । ତା.୧୩.୦୯.୨୦୨୨ ଅପରାହ୍ଣ ୦୪.୦୦ଘ. ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ନିଜର ସମ୍ପୂର୍ଣ୍ଣ ବିବରଣୀ, ଫର୍ମ କ୍ରୟ ରସିଦ, ଓ ଅମାନତ ରାଶି ଡ୍ରାଫ୍ଟ ସହିତ କାର୍ଯ୍ୟାଳୟ ଟେଣ୍ଡର ବାକ୍ସରେ ଦାଖଲ କରିବେ । ତା.୧୪.୦୯.୨୦୨୨ ଅପରାହ୍ଣ ୧୨.୦୦ଘ. ସମୟରେ ଟେଣ୍ଡର ବାକ୍ସ ଖୋଲାଯିବ ଏବଂ ସମସ୍ତ ଆବେଦନକୁ ଚୟନ କମିଟିକୁ ପରବର୍ତୀ ପକ୍ରିୟା ନିମନ୍ତେ ହସ୍ତାନ୍ତରଣ କରାଯିବ । ଏହାର ନିର୍ଦ୍ଧାରିତ ମୂଲ୍ୟ, ଅମାନତ ରାଶି ଓ ମାସିକ ଭଡାର ବିବରଣୀ ତଥା ବଣ୍ଟନ ସର୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ | ଭେଣ୍ଡିଂ ଜୋନର ଅବସ୍ଥିତି | ଦୋକାନ ଗୃହର ଆକାର | ଅମାନତ ରାଶି | ଦୋକାନ ଗୃହର ମାସିକ ଭଡା |
|---|---|---|---|---|
| ୧ | ମହିଳା ମହାବିଦ୍ୟାଳୟ ହଷ୍ଟେଲ ପଛ ପାଖ (ଜି.ଏମ୍ ଛକରୁ ଖମ୍ବେଶ୍ୱରୀ ମନ୍ଦିର ରାସ୍ତା ପାର୍ଶ୍ୱ) ଭେଣ୍ଡିଂ ଜୋନ ୱାର୍ଡ ନଂ.୧୪ | ୨' X ୬' ଷ୍ଟଲ ନଂ. ୧ ରୁ ୧୨ (୧୨ ଗୋଟି) | ଟ.୧୦,୦୦୦/- | ଟ.୫୦୦/- |

## ସର୍ତ୍ତାବଳୀ

୧. ପୂର୍ବ ବର୍ଷର ବକେୟା ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରି ପାରିବେ ନାହିଁ ।

୨. ଏଥିରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୩. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଆବେଦନ କରି ପାରିବେ ।

୪. ଯେଉଁ ବ୍ୟକ୍ତି ମାନେ ଷ୍ଟ୍ରିଟ ଭେଣ୍ଡର ହିସାବରେ ସୋନପୁର ପୌର ପରିଷଦରେ ତାଲିକା ଭୁକ୍ତ ଥିବେ କିମ୍ବା ପୌର ପରିଷଦରୁ Letter of recommendation(LOR) ପ୍ରାପ୍ତ ହୋଇ ଥିବେ ଏବଂ କୌଣସି ସ୍ଥାୟୀ ଦୋକାନ କରିନଥିବେ କେବଳ ସେହି ବ୍ୟକ୍ତି ବିଶେଷ ମାନେ ଆବେଦନ କରି ପାରିବେ ।

୫. ସମସ୍ତ ଦରଖାସ୍ତକୁ ଏକ କମିଟି ଦ୍ୱାରା ଯାଂଚ କରା ଯିବ ଏବଂ ଯୋଗ୍ୟ ବିବେଚିତ ଆବେଦନକାରିଙ୍କ ମଧ୍ୟରେ ଲଟେରୀ ଦ୍ୱାରା ଚୟନ କରାଯିବ ।

୬. ଯେଉଁ ବ୍ୟକ୍ତିମାନେ ପୂର୍ବରୁ ଥିବା ପୌର ପରିଷଦ ଦୋକାନଗୃହ ପାଇଥିବେ ତାଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ ।

୭. ଗଠନ ହେଇ ଥିବା ଚୟନ କମିଟି ଦୋକାନ ଆବଣ୍ଟନ ବାବଦରେ ଚୁଡାନ୍ତ ନିଷ୍ପତି ଗ୍ରହଣ କରି ପାରିବେ ।

03/09/22

ନିର୍ବାହୀ ଅଧିକାରୀ
ସୁବର୍ଣ୍ଣପୁର ପୌର ପରିଷଦ

ପତ୍ରାଙ୍କ ......2771....... ତାରିଖ......03.09.22

ଏହାର ଏକକିତା ଅବିକଲ ନକଲ ଯୁଗ୍ମ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର ଓଡିଶା ଙ୍କୁ ଦୁଇ ଗୋଟି ସମ୍ବାଦପତ୍ର **"ପ୍ରମେୟ ଓ ପ୍ରଗତିବାଦୀ"** (ସମ୍ବଲପୁର ପ୍ରକାଶନ) ଆସନ୍ତା କାଲି ଗୋଟିଏ ଦିନ ପାଇଁ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

03/09/22

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ......2772....... ତାରିଖ......03.09.22

ଏହାର ଏକକିତା ଅବିକଲ ନକଲ ଜିଲ୍ଲାପାଳ, ସୋନପୁର/ ପ୍ରକଳ୍ପ ନିର୍ଦ୍ଦେଶକ,DUDA ସୋନପୁର/ ଉପ-ଜିଲ୍ଲାପାଳ, ସୋନପୁର/ ତହସିଲଦାର, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

03/09/22

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ......2773....... ତାରିଖ......03.09.22

ଏହାର ଏକକିତା ଅବିକଲ ନକଲ D.I.O (NIC) ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହାକୁ ଜିଲ୍ଲା Web-site ରେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

03/09/22

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ......2774....... ତାରିଖ......03.09.22

ଏହାର ଏକକିତା ଅବିକଲ ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଗଲା ।

03/09/22

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ......2775....... ତାରିଖ......03.09.22

ଏହାର ଏକକିତା ଅବିକଲ ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

03/09/22

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ